# ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ଯୋଗ୍ୟ ହିତାଧିକାରୀ ଚୂଡାନ୍ତ ନିମନ୍ତେ "ଜିଲ୍ଲାସ୍ତରୀୟ ଚୟନ କମିଟି"ବୈଠକର ବିବରଣୀ

ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ଖୋରଧା ଜିଲ୍ଲା ପାଇଁ ଯୋଗ୍ୟ କଳାକାର ଚୟନ ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ, ଶ୍ରୀଯୁକ୍ତ ମନୋଜ କୁମାର ପାଢ଼ୀ ଙ୍କ ଅଧ୍ୟକ୍ଷତାରେ "ଜିଲ୍ଲାସ୍ତରୀୟ ଚୟନ କମିଟି "ବୈଠକ ତା-୦୬.୧୨. ୨୦୨୨ରିଖ ପୂର୍ବାହ୍ନ ଘ.୧୨.୩୦ଟିକାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଖୋରଧା ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-ନିର୍ବାହୀ ଅଧିକାରୀ,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ,ଜିଲ୍ଲା ସଂସ୍କୃତି ଅଧିକାରୀ ସମେତ ଜିଲ୍ଲାର ସମସ୍ତ ବ୍ଲକର ବି.ଡି.ଓ ଓ ପୌରାଞ୍ଚଳର କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମସ୍ତ ସଭ୍ୟଙ୍କ ତାଲିକା ପରିଶିଷ୍ଟ 'କ' ରେ ସଂଲଗ୍ନ କରାଗଲା।

**ଦରଖାସ୍ତଯାଞ୍ଚ :**

ଜିଲ୍ଲା ସଂସ୍କୃତି ଅଧିକାରୀ ଚୟନ କମିଟିର ଅବଗତି ନିମନ୍ତେ ସୂଚନା ଦେଇଥିଲେ ଯେ, ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ଅନ୍ତର୍ଭୁକ୍ତ ହେବାପାଇଁ ଖୋରଧା ଜିଲ୍ଲାରେ ସର୍ବମୋଟ ୩୦୭୩ ଟି ଦରଖାସ୍ତ ଜିଲ୍ଲା କାର୍ଯ୍ୟାଳୟରେ ଗ୍ରହଣ କରାଯାଇଥିଲା । ଉକ୍ତ ଫର୍ମକୁ ସମ୍ପୃକ୍ତ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ / ପୌରାଞ୍ଚଳର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପ୍ରେରଣ କରାଯାଇ ଦରଖାସ୍ତକାରୀମାନଙ୍କର ସାମର୍ଥ୍ୟ ପରୀକ୍ଷା (Audition Test) ଓ ମୂଳ ପ୍ରମାଣପତ୍ର ଯାଞ୍ଚ କରି ଯୋଗ୍ୟ କଳାକାର ମାନଙ୍କର ତାଲିକା ପ୍ରସ୍ତୁତ କରି ଜିଲ୍ଲା କାର୍ଯ୍ୟାଳୟକୁ ପ୍ରେରଣ କରିବାକୁ ଅନୁରୋଧ କରଯାଇଥିଲା । ବ୍ଲକ/ ପୌରାଞ୍ଚଳ ସ୍ତରରେ ହୋଇଥିବା ସାମର୍ଥ୍ୟ ପରୀକ୍ଷା (Audition Test) ଓ ମୂଳ ପ୍ରମାଣପତ୍ର ଯାଞ୍ଚ ରିପୋର୍ଟ ଅନୁଯାୟୀ ୩୦୭୩ ଟି ଦରଖାସ୍ତ ମଧ୍ୟରୁ ୧୭୩୧ଟି ଦରଖାସ୍ତକୁ ବାଦ ଦିଆଯାଇ ଜିଲ୍ଲାର ସର୍ବମୋଟ ୧୩୩୨ଜଣ ଦରଖାସ୍ତକାରୀଙ୍କୁ କଳାକାର ରୂପେ ଚିହ୍ନଟ କରାଯାଇଛି । ସୁତରାଂ ୧୩୩୨ଟି ଦରଖାସ୍ତ ବିଚାର ପାଇଁ ବୈଠକରେ ଉପସ୍ଥାପନ କରଯାଇଥିଲା ।

**ଧାର୍ଯ୍ୟ ଲକ୍ଷ୍ୟ :**

ରାଜ୍ୟ ସରକାର ଖୋରଧା ଜିଲ୍ଲା ପାଇଁ ୩୦ ଗୋଟି ନୂତନ ନୂତନ କଳାକାର ଭତ୍ତା ପ୍ରଦାନ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରିଥିବାବେଳେ ପୂର୍ବରୁ ଚୟନ ହୋଇଥିବା ୨୪୭୩ ଜଣ କଳାକାରଙ୍କ ମଧ୍ୟରୁ ଇତି ମଧ୍ୟରେ ମୃତ୍ୟୁ ଜନିତ ଖାଲିସ୍ଥାନ ୧୪୭ (vacancy) ଓ ୧୮୧ ଗୋଟି ରିପିଟ କେସ କୁ ମିଶାଇ ସୃଷ୍ଟି ହୋଇଥିବା ମୋଟ ୩୫୮ ଗୋଟି ଖାଲି ସ୍ଥାନକୁ ପୂରଣ କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।

**ହିତାଧିକାରୀ ଚୟନ :** ମୋଟ ୩୫୮ଖାଲି ସ୍ଥାନକୁ ପୂରଣ ପାଇଁ ୧୩୩୨ ଜଣ ଯୋଗ୍ୟ କଳାକାରଙ୍କୁ ବିଚାରକୁ ନିଆଯାଇଥିଲା । ସର୍ବସମ୍ମତି ନିଷ୍ପତ୍ତି ଅନୁଯାୟୀ ପ୍ରତି ବ୍ଲକ/ସହରାଞ୍ଚଳ ରୁ ଆସିଥିବା ଏହି ଯୋଗ୍ୟ ତାଲିକାକୁ ଖାଲି ଥିବା ସ୍ଥାନ ମଧ୍ୟରେ ସମାନୁପାତିକ ଭାବେ ବଣ୍ଟନ ପାଇଁ ନିଷ୍ପତ୍ତି ନିଆଗଲା ଏଣୁ ପ୍ରତି ବ୍ଲକ/ସହରାଞ୍ଚଳକୁ ହାରାହାରି ୨୭ ପ୍ରତିଶତ ଭାଗ ପଡିଥିଲା ଯାହାର ସମ୍ପୂର୍ଣ୍ଣ ସୂଚନା ନିମ୍ନରେ ବର୍ଣ୍ଣିତ ହୋଇଛି ଯାହାକି ବୟୋଜ୍ୟେଷ୍ଠ/ବରିଷ୍ଠତା ଭିତ୍ତିରେ କଳା କ୍ଷେତ୍ର (Art form) ଅନୁଯାୟୀ ସମାନୁପାତିକ ଭାବେ ବ୍ଲକ ୱାରୀ ପ୍ରସ୍ତୁତ କରାଯିବ ଏତଦବ୍ୟତୀତ ସୁନାମଧନ୍ୟ ଓ ବିଶେଷ ଭାବେ ଖ୍ୟାତି ଅର୍ଜନ କରିଥିବା କଳାକାର ମାନଙ୍କୁ ଅଗ୍ରାଧିକାର ଦିଆଯିବାପାଇଁ ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା । ଏହି ତାଲିକାକୁ **ଗୋଷ୍ଠୀ ଉନ୍ନୟନ ଅଧିକାରୀ/ନିର୍ବାହୀ ଅଧିକାରୀ ୨ ଦିନ ମଧ୍ୟରେ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କୁ ପ୍ରଦାନ କରିବାକୁ ନିଷ୍ପତ୍ତି** ନିଆଗଲା ।

**ଚୂଡାନ୍ତତାଲିକା ଓ ୱେଟିଂ ତାଲିକା ପ୍ରସ୍ତୁତ :**

ଅଡିସନ ଟେଷ୍ଟ ପରେ ଜିଲ୍ଲାରେ ଯୋଗ୍ୟ ବିବେଚିତ ହୋଇଥିବା ୧୩୩୨ ଜଣ କଳାକାରଙ୍କ ମଧ୍ୟରୁ ୩୫୮ଜଣଙ୍କୁ ହିତାଧିକାରୀଭାବେ ଚୟନ କରାଯିବାପରେ ଅବଶିଷ୍ଟ ୯୭୪ ଜଣ ବ୍ଲକ/ସହରାଞ୍ଚଳ ଅନୁଯାୟୀ ପ୍ରତୀକ୍ଷା ତାଲିକା(waiting list) ପ୍ରସ୍ତୁତି ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା। ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ଜିଲ୍ଲାରେ ପୂର୍ବରୁ ପାଉଥିବା ୨୧୩୫ଜଣ କଳାକାର ହିତାଧିକାରୀ ଓ ନୂତନଭାବେ ଚୟନ ହୋଇଥିବା ୩୫୮ ଜଣ କଳାକାର ହିତାଧିକାରୀମାନଙ୍କ ମଧ୍ୟରୁ କୌଣସି ହିତାଧିକାରୀ ମୃତ୍ୟୁବରଣ କଲେ ସୃଷ୍ଟି ହେଉଥିବା ଖାଲିସ୍ଥାନ (Vacancy) ସମ୍ପୃକ୍ତ ବ୍ଲକ/ ପୌରାଞ୍ଚଳର ପ୍ରତୀକ୍ଷା ତାଲିକା (waiting list) ର କ୍ରମ ଅନୁଯାୟୀ ନୂତନ ହିତାଧିକାରୀ ଚୟନ କରାଯାଇ ପୂରଣ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା, ଏଣୁ ପ୍ରତି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ନିର୍ବାହୀ ଅଧିକାରୀ ସେମାନଙ୍କ ଅଞ୍ଚଳରେ ମୃତ୍ୟୁ ବରଣ କରୁଥିବା କଳାକାରଙ୍କ ସୂଚନା ସହ ଏହି ପ୍ରତୀକ୍ଷା ତାଲିକା waiting ରେ କ୍ରମ ଅନୁଯାୟୀ ଥିବା ଯୋଗ୍ୟ କଳାକାରଙ୍କ ସୂଚନା ଜିଲ୍ଲାପାଳଙ୍କୁ ସମୟାନୁକ୍ରମେ ଜଣାଇବେ ଯାହାଫଳରେ କି ଖାଲି ହେଉଥିବା ସ୍ଥାନଟି ପୂରଣ ହୋଇପାରିବ । ଏହି ପ୍ରତୀକ୍ଷା ତାଲିକା (waiting list) ରାଜ୍ୟ ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଙ୍କ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବୈଧ (valid) ଅଟେ ।

| କ୍ର.ମ | ବ୍ଲକ / ପୌରାଞ୍ଚଳ | ଅଡିସନ ଟେଷ୍ଟ ପରେ ଯୋଗ୍ୟ ଆବେଦନକାରୀ କଳାକାର ସଂଖ୍ୟା | ଚୟନ ହୋଇଥିବା ହିତାଧିକାରୀ ସଂଖ୍ୟା | ପ୍ରତୀକ୍ଷା ତାଲିକା (waiting list) |
|---|---|---|---|---|
| ୧ | ଖୋରଧା ବ୍ଲକ | ୪୩ | ୧୨ | ୩୧ |
| ୨ | ଜଟଣୀ ବ୍ଲକ | ୬୦ | ୧୬ | ୪୪ |
| ୩ | ବାଲିଅନ୍ତା ବ୍ଲକ | ୧୫୮ | ୪୨ | ୧୧୬ |
| ୪ | ବାଲିପାଟଣା ବ୍ଲକ | ୫୪ | ୧୪ | ୪୦ |
| ୫ | ଭୁବନେଶ୍ୱର ବ୍ଲକ | ୮୨ | ୨୨ | ୬୦ |
| ୬ | ବେଗୁନିଆ ବ୍ଲକ | ୯୦ | ୨୪ | ୬୬ |
| ୭ | ବୋଲଗଡ ବ୍ଲକ | ୧୦୪ | ୨୮ | ୭୬ |
| ୮ | ଚିଲିକା ବ୍ଲକ | ୩୦୧ | ୮୩ | ୨୧୮ |
| ୯ | ବା ଣପୁର ବ୍ଲକ | ୨୧୮ | ୫୭ | ୧୬୧ |
| ୧୦ | ଟାଙ୍ଗୀ ବ୍ଲକ | ୧୮୯ | ୫୦ | ୧୩୯ |
| ୧୧ | ଖୋରଧା ପୌରାଞ୍ଚଳ | ୧୩ | ୦୪ | ୦୯ |
| ୧୨ | ଜଟଣୀ ପୌରାଞ୍ଚଳ | ୨୦ | ୦୬ | ୧୪ |
| | **ସର୍ବମୋଟ** | **୧୩୩୨** | **୩୫୮** | **୯୭୪** |

**ଚୂଡାନ୍ତ ହିତାଧିକାରୀ କଳାକାର ତାଲିକା ଜିଲ୍ଲା ଏନ.ଆଇ.ସି ପୋର୍ଟାଲରେ ଅପଲୋଡ :**

ନୂତନ ଭାବେ ଚୟନ ହୋଇଥିବା ୩୫୮ଜଣ କଳାକାର ହିତାଧିକାରୀଙ୍କ ଚୂଡାନ୍ତ ତାଲିକା ସମସ୍ତଙ୍କ ଅବଗତି ନିମନ୍ତେ ଜିଲ୍ଲା ଏନ.ଆଇ.ସି ପୋର୍ଟାଲରେ ୩୦ ଦିନ ପର୍ଯ୍ୟନ୍ତ ଅପଲୋଡ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଗଲା ।

**ନୂତନ ଭାବେ ଚୟନ ହୋଇଥିବା ହିତାଧିକାରୀ କଳାକାରମାନଙ୍କ ଠାରୁ ଜୀବିତ ପ୍ରମାଣପତ୍ର ଆହ୍ୱାନ :**

ନୂତନ ଭାବେଚୟନ ହୋଇଥାବା ୩୫୮ ଜଣ ହିତାଧିକାରୀ କଳାକାର ମାନଙ୍କ ଆଧାର କାର୍ଡ,ମୋବାଇଲ ନମ୍ବର ଓ ବ୍ୟାଙ୍କ ଆକାଉଣ୍ଟ ତଥ୍ୟ ୧୫ ଦିନ ମଧ୍ୟରେ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କୁ ପ୍ରେରଣ କରିବାକୁ ନିଷ୍ପତ୍ତି ନିଆଗଲା ଯାହା ଫଳରେ କି ନୂତନ ହିତାଧିକାରୀଙ୍କ ତଥ୍ୟ Digitization କରାଯାଇପାରିବ । ଏଥିସହ ଚୟନ ହୋଇଥିବା ହିତାଧିକାରୀମାନେ ସେମାନଙ୍କ ଜୀବିତ ପ୍ରମାଣପତ୍ର ୩୦ ଦିନ ମଧ୍ୟରେ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟରେ ଦାଖଲ କରିବେ ।

**ପୂର୍ବରୁ ସହାୟତା/ ଭତ୍ତା ପାଉଥିବା କଳାକାର :**

ଯେଉଁ କଳାକାରମାନେ କଳାକାର ସହାୟତା ଯୋଜନାରେ ଚିହ୍ନିତ ହେବା ପୂର୍ବରୁ ବାର୍ଦ୍ଧକ୍ୟ ଭତ୍ତା ଭଳି ଅନ୍ୟାନ୍ୟ ସରକାରୀ ସହାୟତା ପାଉଛନ୍ତି ସେମାନଙ୍କୁ ସେଥିରୁ ପରବର୍ତ୍ତୀ ସମୟରେ ବାଦ ଦେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ/ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ଦାୟିତ୍ୱ ଅର୍ପଣ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।

**ସରକାରଙ୍କୁ ଅବଗତ :**

ବର୍ତ୍ତମାନ ପ୍ରସ୍ତୁତ ହୋଇଥିବା ଚୂଡାନ୍ତ ଚୟନ ତାଲିକାକୁ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗକୁ ପ୍ରେରଣ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା ।

ଶେଷରେ ସଭାପତି-ତଥା-ଅତିରିକ୍ତ ଜିଲ୍ଲାପାଳ ଓ ସଦସ୍ୟ/ ସଦସ୍ୟାମାନଙ୍କୁ ଧନ୍ୟବାଦ ଅର୍ପଣ ପୂର୍ବକ ସଭା ସାଙ୍ଗ କରାଯାଇଥିଲା ।

**ଉନ୍ନୟନ ଅଧିକାରୀ-ତଥା-ନିର୍ବାହୀ ଅଧିକାରୀ,**
**ଜିଲ୍ଲା ପରିଷଦ,ଖୋରଧା**

ଅତିରିକ୍ତ ଜିଲ୍ଲାପାଳ,
ଖୋରଧା

**ଅନୁମୋଦନ କରାଗଲା**

**ଜିଲ୍ଲାପାଳ,ଖୋରଧା**

ଜ୍ଞାପକ ସଂଖ୍ୟା ୩୨୨ /ସଂସ୍କୃତି, ତାରିଖ ୮୭.୧୨.୨୦୨୨

ଏହାର ଏକକିତା ନକଲ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା।

ଅତିରିକ୍ତ ଜିଲ୍ଲାପାଳ,
ଖୋରଧା

ଜ୍ଞାପକସଂଖ୍ୟା ୩୨୩ /ସଂସ୍କୃତି,ତାରିଖ ୮୭.୧୨.୨୦୨୨

ଏହାର ଏକକିତା ନକଲ ଚୟନ କମିଟିର ସମସ୍ତ ସଦସ୍ୟ/ସଦସ୍ୟାମାନଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା।

ଅତିରିକ୍ତ ଜିଲ୍ଲାପାଳ,
ଖୋରଧା

# ATTENDANCE SHEET FOR MUKHYAMANTRI KALAKAR SAHAYATA YOJAN-2021 SELECTION COMMITTEE MEETING HELD ON DT.06.12.2022 AT 12.30PM

| Sl.no | Designation | Signature |
|---|---|---|
| 1 | Collector-cum-Chairman | |
| 2 | ADM-cum-Vice Chairman | |
| 3 | CDO-cum-EO,Zilla Parisad | |
| 4 | DIPRO | |
| 5 | BDO,Khordha | |
| 6 | BDO,Tangi | |
| 7 | BDO,Balianta | |
| 8 | BDO,Balipatana | |
| 9 | BDO,Bhubaneswar | |
| 10 | BDO,Jatni | |
| 11 | BDO,Chilika | |
| 12 | BDO,Banpur | |
| 13 | BDO,Bolagarh | |
| 14 | BDO,Begunia | |
| 15 | EO,Khordha Municpality | |
| 16 | EO,Jatni Municpality | |
| 17 | DCO | |